**୨ମଦ ବ୍ୟବସାୟୀ ଗିରଫ**

କୁଆମରା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ବିଭାଗ ଓ ଖୁଣ୍ଟା ପୋଲିସର ମିଳିତ ଚଢ଼ାଉ ପରେ ଆରପଟା ପଞ୍ଚାୟତର ଦାଉଡ଼ିଆଁ ଗ୍ରାମର ବେଆଇନ ଦେଶୀ ମଦ ପ୍ରସ୍ତୁତ କରୁଥିବା ଆଡ୍ଡା ଉପରେ ଚଢ଼ାଉ କରି ୩୨୫୦କିଲୋ ପୋଚ, ୧୫୦ ଲିଟର ମଦ ସହ ୬୫ଟି ଡ୍ରମ ଜବତ କରି ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ବଡ ପଥରା ପଞ୍ଚାୟତର କୁସୁମ ଘାଟି ଗାଁ ର ସୁରେନ୍ଦ୍ର ମାରାଣ୍ଡି ଓ ବଡ ଫେଣୀ ପଞ୍ଚାୟତର ତୁଳସୀ ବଣୀଗାଁର ରାଜୁ ହେମ୍ବ୍ରମ।

## ସଂକ୍ଷେପରେ

### ବ୍ୟାଟେରି ଫାଟି ଦୁଇ ଭାଇ ଗୁରୁତର

**ସଜନାଗଡ଼,୧୮।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଧୋବଶିଳା ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଓଜନ କଣ୍ଟା ବ୍ୟାଟେରୀରେ ତାର ଲଗାଇ ଦୁଇ ଭାଇ ବିଦ୍ୟୁତ୍ ସଂଯୋଗ କରୁଥିବା ବେଳେ ହଠାତ୍ ବିସ୍ଫୋରଣ ହେବାରୁ ଗୁରୁତର ହୋଇପଡିଛନ୍ତି। ଉଭୟଙ୍କ ମୁହଁ ଓ ଶରୀରରେ ଗଭୀର ଆଘାତ ଲାଗିଛି। ଉଭୟଙ୍କୁ ପ୍ରଥମେ ଚିକିତ୍ସା ଲାଗି ନୀଳଗିରି ହସ୍ପିଟାଲ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବଡ଼ ଭାଇର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଚୋରି ମାମଲାରେ ୮ ମାସ ଜେଲ

**ଠାକୁରମୁଣ୍ଡା, ୧୮।୧୨ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଜେଏମ୍ଏଫ୍ସି କୋର୍ଟ ଶନିବାର ଏକ ଚୋରି ମାମଲାରେ ଦୋଷୀ ସାଲେଇବେଡା ଗ୍ରାମର ଗଣେଶ ମୁଣ୍ଡାଙ୍କୁ ୮ମାସ ଜେଲ୍ ଦଣ୍ଡ ଶୁଣାଣି କରିଛନ୍ତି। ପ୍ରକାଶ ଯେ, ମହୁଲଡିହା ବଜାରରେ ଥିବା କେଶବ ମହାନ୍ତଙ୍କ ମୋବାଇଲ ଦୋକାନରୁ ଗତ ଜୁନ୍ ୨୬ ରାତିରେ ଚୋରି କରୁଥିବା ବେଳେ ଗଣେଶଙ୍କୁ ମହୁଲଡିହାର ତତ୍କାଳୀନ ଥାନାଧିକାରୀ ଶୁଭ୍ରାଂଶୁ ମିଶ୍ର ଓ ସ୍ଥାନୀୟ ଲୋକେ ଧରିଥିଲେ। ପୋଲିସ ମାମଲା (ନଂ.୪୪/୨୧) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜେଏମ୍ଏଫ୍ସି କୋର୍ଟ ବିଚାରପତି ବନଜା ମହାନ୍ତି ସାକ୍ଷୀ ଏବଂ ସିସିଟିଭି ଫୁଟେଜକୁ ଆଧାର କରି ଏହି ଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ ଚକ୍ରଧର ମହାନ୍ତ ଏବଂ ଦୋଷୀଙ୍କ ପକ୍ଷରୁ ସୁଧୀର କୁମାର ସେଠୀ ଓ ତାଙ୍କ ସହଯୋଗୀ ମାମଲା ପରିଚାଳନା କରୁଥିଲେ।

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ପଠାଇଲେ ଛାତ୍ରୀଛାତ୍ର

**କେନ୍ଦୁଝର, ୧୮।୧୨ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୫୦୦ ଛାତ୍ରୀଛାତ୍ର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୋଷ୍ଟକାର୍ଡ ମାଧମରେ ୨୦୪୭ ମସିହାର ଭାରତ ପାଇଁ ମୋର ଦୃଷ୍ଟି ଓ ସ୍ୱତନ୍ତ୍ରତା ସଂଗ୍ରାମର ଅଜଣା ନାୟକ ବିଷୟ ବସ୍ତୁ ଉପରେ ପତ୍ର ଲେଖିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତିଙ୍କ ତତ୍ତ୍ୱାବଧାନରେ ଏହି ପତ୍ରଲିଖନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଚାଲାଣବେଳେ ୩୦ ଗୋରୁ ଉଦ୍ଧାର

**ବିଶୋଇ,୧୮।୧୨ (ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଞ୍ଚଳରେ ୪୯ ନଂ. ଜାତୀୟ ରାଜପଥରେ ବେଆଇନ ଭାବେ ଗୋ ଚାଲାଣ ବେଳେ ଶନିବାର ଏକ ଟ୍ରକ୍ ପୋଲିସ ଜବତ କରିଛି। ସେଥିରୁ ୩୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ଟ୍ରକ୍ ଚାଳକ ଓ ହେଲ୍ପରଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ସ୍ଥିତ ନନ୍ଦକୁମାର ଥାନା ଅଧୀନ ଶ୍ରୀଧରପୁର ଗ୍ରାମର ସେଖ୍ ସବୀର ଅଲ୍ଲୀ ଏବଂ ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ଜଗନ୍ନାଥସାହି ଗ୍ରାମର ମିନାଜ କାଦରି। ଏନେଇ ବିଶୋଇ ଥାନାରେ ମାମଲା (ନଂ.୧୫୬/୨୧) ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।ସୂଚନା ଅନୁଯାୟୀ, ଉକ୍ତ ଟ୍ରକ୍ କେନ୍ଦୁଝର ଜିଲାରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା।

### ୯ରୁ ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ

**ଭଣ୍ଡାରିପୋଖରୀ, ୧୮।୧୨ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶଟିକିରି ସ୍ଥିତ ବୈତରଣୀ ନଦୀପଠାରେ ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଜାନୁଆରୀ ୯ରୁ ଆରମ୍ଭ ହେବ। ଏଥିରେ ୮ ଦଳ ଭାଗ ନେବେ। ଉତ୍କଳିକା ସ୍ପୋର୍ଟିଂ ବାସୁଦେବପୁର ଓ ଆର୍ସିସି ୟଙ୍ଗଷ୍ଟାର କଟକ ମଧରେ ପ୍ରଥମ କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ। ୧୦ ତାରିଖରେ ମଣିଙ୍ଗଷ୍ଟାର ବାଲେଶ୍ୱର ସହ ଜୁଭେନାଇଲ କ୍ଲବ କଟକ, ୧୧ରେ ମହାବୀର ସ୍ପୋର୍ଟିଂ ପୁରୀ ସହ ଜାଗୃତି ଏକାଡେମୀ ଭୁବନେଶ୍ୱର, ୧୨ରେ ୟୁନିକ ଇଲେଭେନ ଭଦ୍ରକ ଓ ସ୍କାନ କ୍ଲବ ଭୁବନେଶ୍ୱର ମଧରେ ଅନୁଷ୍ଠିତ ହୋଇ ୧୩ରେ ପ୍ରଥମ ସେମି ଓ ୧୪ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହେବ। ୧୬ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ମହାବୀର କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# 'ରୁପାବାଲି ଖେଳପଡ଼ିଆ ହେବ ମିନିଷ୍ଟାଡିୟମ୍'

**ବାଲେଶ୍ୱର ଅଫିସ/ରେମୁଣା, ୧୮।୧୨(ଡି.ଏନ.ଏ.)**



ଶିଳାନ୍ୟାସ କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀ ତୁଷାରକାନ୍ତି ବେହେରା,ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ଓ ଅନ୍ୟ ଅତିଥିଗଣ।

ବାଲେଶ୍ୱର ଜିଲାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ଶନିବାର ଦିନିକିଆ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ରେମୁଣା ବ୍ଲକ ବରୁଣସିଂ ଗ୍ରାମପଞ୍ଚାୟତର ରୁପାବାଲି ପଞ୍ଚାୟତସ୍ତରୀୟ ଖେଳପଡ଼ିଆ ଉନ୍ନତିକରଣର ଶିଳାନ୍ୟାସ କରିଛନ୍ତି।

ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ସଭା ପରିଚାଳନା କରିଥିଲେ। ମନ୍ତ୍ରୀ ବେହେରା ଏହି ପଡ଼ିଆର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ୪୦ଲକ୍ଷ ଟଙ୍କା ଅନୁମୋଦନ କରିଛି। ଜିଲା ତଥା ରେମୁଣା ବ୍ଲକର ଯୁବକମାନଙ୍କ ମଧ୍ୟରେ ଥିବା କ୍ରୀଡ଼ା ପ୍ରତି ଆଗ୍ରହ ଓ ଉତ୍ସାହ ଦେଖି ଖୁସି ଲାଗୁଛି। ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କ ଉନ୍ନତି ପାଇଁ ଅନେକ ସ୍ୱପ୍ନ ଦେଖିଛନ୍ତି। ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଅନେକ ଉନ୍ନତି କରିଛି। ଆଜି ବିଶ୍ୱକ୍ରୀଡ଼ା ମାନଚିତ୍ରରେ ସମଗ୍ର ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ତୃଣମୂଳ ସ୍ତରରୁ କ୍ରୀଡ଼ାର ବିକାଶକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ବେଳେ ଆଗାମୀ ଦିନରେ ଏହା ଅଧିକ ବ୍ୟାପକ ହେବ ବୋଲି ମନ୍ତ୍ରୀ ବେହେରା କହିଥିଲେ।

### କ୍ରୀଡ଼ାମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଏହି ଖେଳ ପଡ଼ିଆର ଉନ୍ନତି ପାଇଁ ନିଜ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ଏହି କ୍ରୀଡ଼ା ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ ପଡ଼ିଆକୁ ବୁଲି ଦେଖିଥିଲେ। ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ତହସିଲଦାର ସିତାଂଶୁ ଶେଖର ଦାସ, ନୀଳଗିରିରୋଡ କ୍ଲବ ସଭାପତି ରାଜେନ୍ଦ୍ର ପ୍ରସାଦ ମହାଲିକ, ସିମନ ଦାସମହାପାତ୍ର, ବିନାଶିଷ ଜେନା, ରବୀନ୍ଦ୍ର କୁମାର ମହାକୁଡ଼, ସମାଜସେବୀ ଶାନ୍ତା ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେହିପରି ୫ଟିରେ ରୂପାନ୍ତରିତ ହୋଇଥିବା ବରୁଣସିଂସ୍ଥିତ ନୀଳଗିରି ରୋଡ୍ ନୋଡ଼ାଲ ହାଇସ୍କୁଲକୁ ମନ୍ତ୍ରୀ, ବିଧାୟକ ପରିଦର୍ଶନ କରି ଶୁଭାରମ୍ଭ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବାସୁଦେବ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ରେମୁଣା ବିଡିଓ ଛବିରାଣୀ ମହାନ୍ତି, ସରପଞ୍ଚ ରଘୁନାଥ ନାୟକ, ଆଲୁମିନି ସଭାପତି ଗୋପବନ୍ଧୁ ଦାସ, ବହୁ ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରେ ଗଣ୍ଡର୍ଦ୍ଦା ପଞ୍ଚାୟତର ମେଗା ପାନୀୟ ଜଳ ପ୍ରକଳ୍ପ ଉଦ୍ଘାଟନ, ବାଘାଯତୀନ ପାର୍କର ପୁନରୁଦ୍ଧାର କାର୍ଯ୍ୟକ୍ରମରେ ଯୋଗଦାନ, ଅପରାହ୍ନ ୨ଟା ୪୫ ମିନିଟ୍‌ରେ କ୍ଷୀରଚୋରା ଗୋପୀନାଥ ମନ୍ଦିର ପରିଦର୍ଶନ କରି ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ଜିଲା ଯୋଜନା କମିଟି ସଭାପତି ହେଲେ ଜଗନ୍ନାଥ

**ପାଟଣା/କେନ୍ଦୁଝର, ୧୮।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)**



ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କୁ ଶୁକ୍ରବାର ରାଜ୍ୟପାଳଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସଚିବ ଦେବେନ୍ଦ୍ର କୁମାର ଜେନା କେନ୍ଦୁଝର ଜିଲା ଯୋଜନା କମିଟି ସଭାପତି ଭାବେ ନିଯୁକ୍ତି ଦେଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଜଗନ୍ନାଥ ବିଧାୟକ ହେବାର ପ୍ରଥମ ପାଳିରେ ସେ ମୁଖ୍ୟମନ୍ତ୍ରୀଙ୍କ ଆସ୍ଥା ଭାଜନ ହୋଇ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଭିଷିକ୍ତ ହୋଇଥିବାରୁ ବିଜେଡି ନେତା ଓ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ସେ ଜିଲାର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### ବର୍ଷୀୟାନ ସାହିତ୍ୟସାଧକ ମଦନମୋହନ ମିଶ୍ରଙ୍କ ପରଲୋକ

**କେନ୍ଦୁଝର, ୧୮।୧୨ (ସ୍ୱ.ପ୍ର./ଡି.ଏନ.ଏ.)**



ରାଜ୍ୟର ବରେଣ୍ୟ ସାହିତ୍ୟସାଧକ ତଥା କେନ୍ଦୁଝରର ସୁପୁତ୍ର ପଣ୍ଡିତ ମଦନମୋହନ ମିଶ୍ରଙ୍କର ଶୁକ୍ରବାର ରାତିରେ ତାଙ୍କ ଜେଲରୋଡସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୬ବର୍ଷ ବୟସ ହୋଇଥିଲା। ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟସାଧକ, କବି ତଥା ଶୁଭେଚ୍ଛୁ ତାଙ୍କ ଘରେ ଶେଷ ଦର୍ଶନ କରିବାକୁ ପହଞ୍ଚିଥିଲେ। ଦୁଇଟିଭାଗରେ ପ୍ରକାଶିତ କେନ୍ଦୁଝର ଇତିହାସ ସହ କେନ୍ଦୁଝର ରାଜ ବଂଶାବଳୀ, କେନ୍ଦୁଝର ରାଜସଭା ବିବରଣୀ, ଐତିହାସିକ ଉପନ୍ୟାସ ଅରଣ୍ୟ ହୁଙ୍କାର, ଆଗ୍ନେୟ ସବୁଜ ଆଦି ଅନେକ କାଳଜୟୀ ସୃଷ୍ଟିର ସେ ଥିଲେ ସ୍ରଷ୍ଟା। ଓଡ଼ିଶା ସାହିତ୍ୟ ଏକାଡେମୀ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ସଂଗଠନ ଦ୍ୱାରା ସମ୍ମାନିତ ଏବଂ ପୁରସ୍କୃତ ହୋଇଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବଳଦେବଜୀଉ ମନ୍ଦିର ପାଖକୁ ନେବା ପରେ ବିଶେଶ୍ୱରପୁରସ୍ଥିତ ଶାସନର ପୁରୁଣା ଘରକୁ ନିଆଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ନଳାଙ୍ଗରେ ଜିଲା କୋର୍ଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୧୮।୧୨**




ଭଦ୍ରକ ଉପକଣ୍ଠ ନଳାଙ୍ଗଠାରେ ନବନିର୍ମିତ କୋର୍ଟ ଶନିବାର ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧରଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ତାଙ୍କ ସହ ଅନ୍ୟତମ ଅତିଥି ଭାବେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଦେବବ୍ରତ ଦାଶ ଉପସ୍ଥିତ ଥିଲେ। ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୫ ଏକର ଜାଗାରେ ପ୍ରାୟ ୨୯ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଏହି ନ୍ୟାୟାଳୟ। ଭଦ୍ରକ ସଦର ମହକୁମାରେ କାର୍ଯ୍ୟ କରୁଥିବା ଜିଲା କୋର୍ଟ ଏବଂ ଏହା ଅଧୀନ ସମସ୍ତ କୋର୍ଟ ଆସନ୍ତା ୨୦ରୁ ଏଠାରେ କାର୍ଯ୍ୟକ୍ଷମ ହେବ।

ଉଦ୍‌ଘାଟନୀ ଉତ୍ସବରେ ଜିଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲାପାଳ ତ୍ରିଲୋଚନ ମାଝି, ଏସ୍‌ପି ଚରଣସିଂ ମୀନା, ବାଲେଶ୍ୱର ଭିଜିଲାନ୍ସ ଜଜ୍ ଶିଖାରାଣୀ ରଥ, ପରିବାର ଅଦାଲତ ଜଜ୍ ପ୍ରସନ୍ନ କୁମାର ପଣ୍ଡା, ଆଡ୍‌ହକ ଆଡ଼ିସନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ ଜଜ୍ ମିନତି କୁମାରୀ ପଣ୍ଡା, ଅତିରିକ୍ତ ଜିଲା ଓ ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଅବକାଶ ଚୌଧୁରୀ, ସେକ୍ରେଟାରୀ ଡାଲସା ସମାପିକା ମହାନ୍ତି, ସିନିୟର ସିଭିଲ ଜଜ୍ ହିମାଂଶୁ ଶେଖର ବିଶ୍ୱାଳ, ଅତିରିକ୍ତ ସିନିୟର ସିଭିଲ ଜଜ୍ ଶର୍ମିଷ୍ଠା ଦାସ, ଏସ୍‌ଡିଜେଏମ୍ ଅଳକାନନ୍ଦା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସିଭିଲ ଜଜ୍ ଅବିନାଶ ଚିନ୍ନାରା, ଜେଏମ୍ଏଫ୍ସି ନୀଳିମା ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପ୍ରଜ୍ଞା ପରମିତା ମହାନ୍ତି, ରୀତିକା ଜେନା, ପ୍ରୋବେସନ ଅଫିସର ପ୍ରୀତିଷ କୁମାର ସାମଲ ଓ ସୁଶ୍ରୀ କୃଷ୍ଣା ମିଶ୍ର, ଅଧ୍ୟକ୍ଷ ପିଏଲ୍ଏ ଆଣ୍ଡ ପିୟୁଏସ୍ ଦ୍ୟୁମତସେନ ନାୟକ, କୋର୍ଟ ମ୍ୟାନେଜର ମାନସ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ଓକିଲ ସଂଘର ପ୍ରତିବାଦ

ଅନ୍ୟପକ୍ଷେ ନୂତନ କୋର୍ଟ ଉଦ୍‌ଘାଟନୀ ଉତ୍ସବକୁ ଭଦ୍ରକ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଛି। ସଭାପତି ଦିଲୀପ ମହାପାତ୍ରଙ୍କ ନେତୃତ୍ୱରେ ଆଇନଜୀବୀମାନେ ପୁରୁଣା କୋର୍ଟ ପରିସରରେ ୩ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।

# କଳାକାରଙ୍କ ଦକ୍ଷତା ପରୀକ୍ଷଣ

**ବାସୁଦେବପୁର/ଭଦ୍ରକ ଅଫିସ/ ଭଣ୍ଡାରିପୋଖରୀ, ୧୮।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲାର ବାସୁଦେବପୁର, ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକରେ ପ୍ରଶାସନ ପକ୍ଷରୁ ଶନିବାର କଳାକାରଙ୍କ ଦକ୍ଷତା ପରୀକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାସୁଦେବପୁର ନୀଳମଣି ଟାଉନହଲ୍ ଓ ବ୍ଲକ କନ୍‌ଫରେନ୍ସ ହଲ୍‌ରେ ବିଡିଓ ସତ୍ୟଜିତ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରଥମ ଦିନରେ ୧୦ ପଞ୍ଚାୟତର କଳାକାରଙ୍କ ଦକ୍ଷତା ପରୀକ୍ଷଣ କରାଯାଇଛି। ନୀଳମଣି ଟାଉନହଲ୍‌ରେ ପର୍ଯ୍ୟବେକ୍ଷକ ଭାବେ ଜିଲା ଯୋଜନା ବିଭାଗ ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମଲିକ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସୁବାସ ଚନ୍ଦ୍ର ମଲିକ, ବରିଷ୍ଠ ଯାତ୍ରା କଳାକାର କାଳନ୍ଦୀ ଚନ୍ଦ୍ର ମଲିକ ପ୍ରମୁଖ ମୂଲ୍ୟାୟନ କରିଥିଲେ। ବ୍ଲକ କନ୍‌ଫରେନ୍ସ ହଲ୍‌ରେ ଅତିରିକ୍ତ ଜିଲା ପ୍ରକଳ୍ପ ଅଧିକାରୀ କୃଷ୍ଣଚନ୍ଦ୍ର ମାଇତି, ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା, ମନମୋହନ ସଙ୍ଗୀତ ପରିଷଦର ଡ. କେଶବ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଧାମନଗର ବିଜ୍ଞାପିତ ଅଞ୍ଚଳରେ ଥିବା କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ୧୬୪ କଳାକାର ପରୀକ୍ଷା ଦେଇଛନ୍ତି। ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଡିଡବ୍ଲ୍ୟୁଓ ଜୟନ୍ତ କୁମାର ଜେନା, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ନାଟ୍ୟକାର ଅଟଳ ବିହାରୀ ନାୟକ ଏବଂ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ବସନ୍ତିଆ ତଦାରଖ କରିଥିଲେ। ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାକୁ ବିଡିଓ ଦେବଦତ୍ତ ଦାସ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ବିଶିଷ୍ଟ ନାଟ୍ୟକାର ବାଦଲ ସିକଦାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁଭାଷ ଚନ୍ଦ୍ର ନାୟକ, ବରିଷ୍ଠ କଳାକାର ନରେନ୍ଦ୍ର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଭାରପ୍ରାପ୍ତ ଅଧିକାରୀ ରବିନାରାୟଣ ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳକୃଷ୍ଣ ପଣ୍ଡା, ପ୍ରକାଶ ନାୟକ ପ୍ରମୁଖ କଳାକାରମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ସୁଧାଂଶୁ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଚାସୀନ ପର୍ଯ୍ୟବେକ୍ଷକ ମାନେ।

# ସୋୟାବାଲି ଲିପ୍‌ସା ଟିମ୍ ଚାମ୍ପିୟନ

**ଯୋଡ଼ା,୧୮।୧୨(ଡି.ଏନ.ଏ.)**

### ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଂଶେଇକଳା ଓ କଣ୍ଡରା ପଞ୍ଚାୟତ ବଡ଼ହୁଣ୍ଡୁଳା ଗ୍ରାମ ଖେଳପଡ଼ିଆରେ ହୁଣ୍ଡୁଳା ଗଣେଶ କ୍ଲବ ପକ୍ଷରୁ ଆୟୋଜିତ ୫ମ ନକ୍ ଆଉଟ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାଡ଼ଖଣ୍ଡ ସମେତ ଓଡ଼ିଶାର ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚରେ ଇଲେଭେନ୍ ଟାଇଗର ଟିମ୍‌କୁ ୨-୦ ଗୋଲରେ ପରାସ୍ତ କରି ସୋୟାବାଲି ଲିପ୍‌ସା ଆଣ୍ଡ ଲିପ୍‌ସା ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ଉପସଭାପତି କୁଶ ଆପଟ୍ଟ, ସମ୍ମାନିତ ଅତିଥି ଭାବେ ଅଂଶେଇକଳା ସରପଞ୍ଚ ତଥା ଯୋଡ଼ା ବ୍ଲକ ବିଜେଡି ସଭାପତି ଦିଲ୍ଲୀପ ନାଏକ, ପୂର୍ବତନ ସରପଞ୍ଚ ସନ୍ତୋଷ ଓରାମ, ପୂର୍ବତନ ଯୋଡ଼ା ବ୍ଲକ ଅଧ୍ୟକ୍ଷ ଗିରିଧାରୀ ନାଏକ, କ୍ରାକରସ ଇଣ୍ଡିଆ ଲିମିଟେଡର ବରିଷ୍ଠ ଅଧିକାରୀ ବି.ଡି.ଦାସ, ନୂଆମୁଣ୍ଡି ଟିଏସ୍‌ଆର୍‌ଡିଏସ୍‌ର ଅଧିକାରୀ ରାଜେଶ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ହରିଶ ପୂର୍ତ୍ତୀ, ଚୁନୁ ସିଂହ, ପି.କେ.ପାଲ, ବରୁଣ କୁମାର ବେହେରା ଓ ରାଜୁ ମଣ୍ଡଳ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। କ୍ଷୀରୋଦ କୁମାର ଗିରି ଓ ଘନ ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ। ଚାମ୍ପିୟନ ଟିମ୍‌କୁ ନଗଦ ୬୦ ହଜାର, ରନର୍ସ ଅପ୍ ଦଳକୁ ୪୦ ହଜାର, ତୃତୀୟ ଦଳ ଭାବେ ଇଶ୍ୱର ଇଲେଭେନ୍ ଟିମ୍‌କୁ ୩୦ ହଜାର ଓ ଚତୁର୍ଥ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସର୍ବଶ୍ରେଷ୍ଠ ଗୋଲକିପର ଭାବେ ଅନୁଜ ସର୍ଦ୍ଦାର ଓ ଡିଫେଣ୍ଡର ମଙ୍ଗରାଜ ମିଞ୍ଜଙ୍କୁ ଅତିଥିଙ୍କ ଦ୍ୱାରା ମୋବାଇଲ ଫୋନ ପ୍ରଦାନ କରାଯାଇଥିଲା। ସେହିପରି ସର୍ବଶ୍ରେଷ୍ଠ ସ୍କୋରର ରୂପେ ଯୁଗଳ ସିଙ୍କୁ ଓ ସର୍ବଶ୍ରେଷ୍ଠ ଖେଳାଳି ଭାବେ ଆଶିଷ କୁମାରଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। କ୍ଲବର ଲମ୍ବୋଧର ପାତ୍ର,ସୁନୀଲ କୁମାର ମୁଣ୍ଡା,ବିଶମ ମହାକୁଡ଼, ଅକ୍ଷୟ କୁମାର ମୁଣ୍ଡା, ଜାପାନ ହେମ୍ବ୍ରମ, ମିତ୍ରଭାନୁ ପାତ୍ର, କନ୍ଦର୍ପ ପାତ୍ର, ଯୋଗେନ୍ଦ୍ର ବେହେରା, ବିଭୁ ନାଏକଙ୍କ ସମେତ ଅନ୍ୟ ସଦସ୍ୟମାନେ ଏହି ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# କୋଇଲା ବୋଝେଇ ଟ୍ରକ୍ ଜଳିଗଲା

**ରୂପସା, ୧୮।୧୨(ଡି.ଏନ.ଏ.)**

### ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ହେଲପର



ରାଜପଥରେ ଜଳୁଥିବା ଟ୍ରକ।

ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବାଇପାସ୍‌ଠାରେ ଶନିବାର ଏକ କୋଇଲା ବୋଝେଇ ଟ୍ରକ ସମ୍ପୂର୍ଣ୍ଣ ଜଳିଯାଇଛି। ଟ୍ରକ (ନଂ. ଡବ୍ଲ୍ୟୁବି୨୯-୯୫୫୬)ରେ ଲକ୍ଷାଧିକ ଟଙ୍କାର କୋଇଲା ବୋଝେଇ ହୋଇ କୋଲକାତା ଯାଉଥିଲା। ବାଇପାସ୍‌ଠାରେ ହଠାତ୍ ଟ୍ରକର ଏକ ଚକ ବ୍ଲାଷ୍ଟ କରିଯାଇଥିଲା। ଫଳରେ ଟ୍ରକରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳିବା ଆରମ୍ଭ ହୋଇଥିଲା। ଡ୍ରାଇଭର ଓ ହେଲପର ଜାଣି ପାରି ଟ୍ରକରୁ ଡେଇଁପଡ଼ି ଜୀବନ ବଞ୍ଚାଇବାରେ ସମର୍ଥ ହୋଇଥିଲେ। ବାଲେଶ୍ୱର ଓ ବସ୍ତା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବସ୍ତା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଦୀର୍ଘସମୟ ଧରି ବାଇପାସ୍ ତଳ ରାସ୍ତା ଦେଇ ଯାନବାହନ ଚଳାଚଳ ହୋଇଥିଲା। ଡ୍ରାଇଭର ଓ ହେଲପର ଫେରାର ଥିବା ଜଣାପଡିଛି।

### ସୌରଚାଳିତ ଶୀତଳ ଭଣ୍ଡାର ପ୍ରତିଷ୍ଠା

**କେନ୍ଦୁଝର, ୧୮।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ଓମ୍‌ବିଏଡିସି ସହାୟତାରେ ୫ ମେଟ୍ରିକ ଟନ ବିଶିଷ୍ଟ ସୌରଶକ୍ତି ଚାଳିତ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇଛି। ଜିଲାର ହରିଚନ୍ଦନପୁର, ଝୁମ୍ପୁରା, ଯୋଡ଼ା ଓ ପାଟଣା ବ୍ଲକରେ ୟୁନିଟ୍ ପିଛା ୧୫ ଲକ୍ଷ ଟଙ୍କା ହାରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୧୯ଟି ୟୁନିଟ୍ ଯୋଗାଇ ଦିଆଯାଇଛି। ଏହା ଦ୍ୱାରା ଜିଲାର ୧୮ଟି ଗ୍ରାମରେ ପାଖାପାଖି ୨୫୦୦ ଚାଷୀ ଉପକୃତ ହୋଇ ପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କୃଷି ବହୁଳ ସଦର, ବାଂଶପାଳ, ତେଲକୋଇ ଭଳି ଆଦିବାସୀ ଅଧ୍ୟୁଷିତ ବ୍ଲକ ଅଞ୍ଚଳରେ ବହୁ ପରିମାଣରେ ପନିପରିବା ଓ ଅନ୍ୟାନ୍ୟ ସିଜନାଲ ଫସଲ ହୋଇଥାଏ। ତେବେ ଏହି ଅଞ୍ଚଳରେ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ମାନେ ପନିପରିବା ତଥା ଅନ୍ୟ ସିଜିନାଲ ଫସଲ ସାଇତି ରଖି ନ ପାରି କମ ଦାମରେ ବେପାରୀଙ୍କୁ ବିକ୍ରି କରିବାକୁ ବାଧ ହୋଇଥାନ୍ତି। ସେହିପରି ବହୁ ପରିମାଣରେ ପନିପରିବା ନଷ୍ଟ ହୋଇଥାଏ। ଏଣୁ ଏହି ବ୍ଲକର ଚାଷୀ ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେଲେ ବହୁ ଗରୀବ ଓ ଆଦିବାସି ଚାଷୀ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଉଛି।

# ଖବରକାଗଜ ବିତରକଙ୍କୁ ପରିଚୟପତ୍ର



ବିତରକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

**ବାରିପଦା ଅଫିସ,୧୮।୧୨**

ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ଖବରକାଗଜ ବିତରକଙ୍କୁ ଶ୍ରମବିଭାଗ ପକ୍ଷରୁ ପରିଚୟପତ୍ର ପ୍ରଦାନ ଆରମ୍ଭ ହୋଇଛି। ଶନିବାର ଜିଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅଧିକାରୀ ମୋନାଲିସା ନାୟକ ଆବେଦନ କରିଥିବା ବିତରକଙ୍କୁ ପରିଚୟପତ୍ର ପ୍ରଦାନ ଶୁଭାରମ୍ଭ କରିଛନ୍ତି। ନଭେମ୍ବର ୩୦ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଖବରକାଗଜ ବିତରକଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରି ସେମାନଙ୍କୁ ବୀମାଭୁକ୍ତ କରିବା, ଦୁର୍ଘଟଣାଜନିତ ସହାୟତା ଓ ସର୍ବୋପରି ଅଣସଙ୍ଗଠିତ ଶ୍ରମିକ ଭାବେ ସାମିଲ କରି ବାସଗୃହ ଯୋଗାଇଦେବାକୁ ଘୋଷଣା କରିଥିଲେ। ମୟୂରଭଞ୍ଜ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଜରିଆରେ ୪୫୦ରୁ ଉର୍ଦ୍ଧ୍ୱ ଆବେଦନ କରିଥିଲେ। ତଦନୁଯାୟୀ ସେମାନଙ୍କୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ପରିଚୟପତ୍ର ପ୍ରଦାନ ଆରମ୍ଭ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂ, ଖବରଦାତା ମନୋଜ କୁମାର ପଣ୍ଡା, ଶାନ୍ତିପ୍ରବର ରାଉତ, ସୁଚିସ୍ମିତା ପାଣିଗ୍ରାହୀ, ବିନୋଦ ନାଏକ ଓ ସୁବାଶୀଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟକ୍ଷଙ୍କୁ ଘେରିଲେ ଛାତ୍ରୀଛାତ୍ର

**କେନ୍ଦୁଝର, ୧୮।୧୨ (ସ୍ୱ.ପ୍ର.)**

କେନ୍ଦୁଝରରେ ଥିବା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟରେ ଶନିବାର ବିଭିନ୍ନ ଦାବିରେ ଛାତ୍ରୀଛାତ୍ର ମାନେ ଅଧ୍ୟକ୍ଷଙ୍କୁ ଘେରିବା ସହ ତାଲା ପକାଇଛନ୍ତି। ନିଜର ଅଧିକାର ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଛାତ୍ରୀଛାତ୍ର ଏଭଳି ଆନ୍ଦୋଳନ କରିଛନ୍ତି। ଜିଲାପାଳ ଆଶୀଷ ଠାକରେଙ୍କ ହସ୍ତକ୍ଷେପ ପରେ ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ଅଧ୍ୟକ୍ଷଙ୍କୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, କେନ୍ଦୁଝର ଯାନ୍ତ୍ରିକ ମହାବିଦ୍ୟାଳୟରେ ଦୀର୍ଘ ବହୁ ବର୍ଷ ହେଲା ସ୍ଥାୟୀ ଅଧାପକ ନିଯୁକ୍ତି ଏବଂ କ୍ୟାମ୍ପସ ଚୟନକୁ ନେଇ ଦାବି କରିଆସୁଥିଲେ ହେଁ ଦାବି ପୂରଣ ହୋଇ ନ ଥିବାରୁ ପାଠପଢା ବ୍ୟାହତ ହେବା ସହ ଭବିଷ୍ୟତ ଅନିଶ୍ଚିତତାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ରହିଆସୁଛନ୍ତି। କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ବହୁ ବାର ଆନ୍ଦୋଳନ କରିଆସୁଛନ୍ତି। ଉକ୍ତ ମହାବିଦ୍ୟାଳୟରେ ଗତ ବର୍ଷ କୋଭିଡ ସଂକ୍ରମଣ ହୋଇଥିଲେ ହେଁ ହଷ୍ଟେଲ ତଥା ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ରକ୍ଷା ହେଉନାହିଁ କିମ୍ବା ସାନିଟାଇଜେସନ ହେଉ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ଖେଳପଡିଆ, ଉଜ୍ଜ୍ୱଳ ବିଦ୍ୟୁତକରଣ, ସୁରକ୍ଷା ବ୍ୟବସ୍ଥା ଆଦିକୁ ନେଇ ମଧ ସେମାନେ ଦାବି କରିଆସୁଛନ୍ତି। ଏସମ୍ପର୍କରେ ଅଧଧକ୍ଷ ଜି.ସି.ସାହୁ କହିଛନ୍ତି ଯେ ଅଧାପକ ନିଯୁକ୍ତି ଓ ଅନ୍ୟ ଦାବୀ ସମ୍ପର୍କରେ ସେ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଆସୁଛନ୍ତି। ସେହିପରି ଅନ୍ୟ ସବୁ ଦାବି ପୂରଣ ନେଇ ସେ ଖୁବଶୀଘ୍ର ପଦକ୍ଷେପ ନେବେ।



### ୪ ଚୋରା ମଦ ବେପାରୀ ଗିରଫ

**ସୋର, ୧୮।୧୨(ଡି.ଏନ୍.ଏ.)**

ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରା ମଦ ଜବତ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ୪ଜଣ ହେଲେ ରବୀନ୍ଦ୍ର ମଲିକ, ଖରିଦା ଗ୍ରାମର ଅନସୂୟା ମଲ୍ଲିକ, ଛତ୍ରପୁର ଗ୍ରାମର ବାସନ୍ତୀ ବାରିକ ଓ ଦାଣ୍ଡହରିପୁର ଗ୍ରାମର ରମାକାନ୍ତ ମଲ୍ଲିକ।

